# Sambalpur Municipal Corporation
## Sambalpur (Odisha)

Email Id: Sambalpurm.hud@nic.in PhoneNo.0663-2411012

स्वच्छ भारत
एक कदम स्वच्छता की ओर

Letter No. 10525 /SMC Date: 19-11-2024

## Expression of Interest

**'ଅମୃତ ମିତ୍ର ' ଯୋଜନା ଅନ୍ତର୍ଗତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ସମ୍ବଲପୁର ମହାନଗର ନିଗମରେ ଥିବା ବିଭିନ୍ନ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସମ୍ବନ୍ଧେ**

ସମ୍ବଲପୁର ମହାନଗର ନିଗମର ବିଭିନ୍ନ ୱାର୍ଡ଼ରେ ସ୍ଥିତ ପୋଖରୀମାନଙ୍କର ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ସେହି ୱାର୍ଡ଼ ସ୍ଥିତ ମିଶନ ଶକ୍ତି ଗୋଷ୍ଠୀମାନଙ୍କୁ " ଅମୃତ ମିତ୍ର " ଯୋଜନାରେ ନିୟୋଜିତ କରିବା ନିମନ୍ତେ ସ୍ଥିର କରାଯାଇଛି | ଏହି ମିଶନ ଶକ୍ତି ଗୋଷ୍ଠୀମାନେ ନିମ୍ନ ପୋଖରୀ ମାନଙ୍କର ପୁନରୁଦ୍ଧାର ପାଇଁ ସଂଲଗ୍ନ ହୋଇଥିବା ଫର୍ମ ଦ୍ୱାରା **୨୮/୧୧/୨୦୨୪** ସୁଦ୍ଧା ସମ୍ବଲପୁର ମହାନଗର ନିଗମ,ଦୁର୍ଗାପାଲି କାର୍ଯ୍ୟାଳୟରେ ଆବେଦନ କରିପାରିବେ |

| କ୍ରମିକ ସଂଖ୍ୟା | ୱାର୍ଡ ସଂଖ୍ୟା | ପୋଖରୀ ର ନାମ | କେଉଁ ୱାର୍ଡ଼ ଆବେଦନ କରିପାରିବେ |
|---|---|---|---|
| ୧ | ୪୧ | ନୂଆବନ୍ଧ (ଗୁଣ୍ଡେରପୁର) | ୩୬,୩୭,୪୦,୪୧ |

ନିୟମ ଅନୁଯାୟୀ, ଗୋଟିଏ ମିଶନଶକ୍ତି ଗୋଷ୍ଠୀକୁ ସର୍ବାଧିକ ୧୦ ଲକ୍ଷଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟପ୍ରଦାନ କରାଯାଇପାରିବ | ଫଳସ୍ୱରୂପ ଗୋଟିଏ ପୋଖରୀର କାର୍ଯ୍ୟ ଏକ ରୁ ଅଧିକ ମିଶନ ଶକ୍ତି ଗୋଷ୍ଠୀଙ୍କ ମଧ୍ୟରେ ବିଭକ୍ତ କରାଯିବ ଏବଂ ଅଲଗା ଅଲଗା କାର୍ଯ୍ୟାଦେଶ ପ୍ରଦାନ କରାଯିବ |

**ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା**

- ମିଶନ ଶକ୍ତି ଗୋଷ୍ଠୀ,ପୋଖରୀସ୍ଥିତ ୱାର୍ଡ଼ରୁ ହୋଇଥିଲେ ତାଙ୍କ ଆବେଦନକୁ ଅଗ୍ରାଧିକାର ଦିଆଯିବ | ଯଦି କୋଣସି କାରଣ ପାଇଁ ପୋଖରୀସ୍ଥିତ ୱାର୍ଡ଼ରୁ ଆବଶ୍ୟକ ସଂଖ୍ୟା ଅନୁଯାୟୀ ଗୋଷ୍ଠୀ ଚୟନ ହୋଇପାରେ ନାହିଁ, ସେ ସମୟରେ ଅନ୍ୟ ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀଙ୍କ ଆବେଦନ ଉପରେ ବିଚାର କରାଯିବ |
- ମିଶନ ଶକ୍ତି ଗୋଷ୍ଠୀ ଆବେଦନ ପତ୍ର ଦେବା ସମୟରେ ଅତିକମରେ ତିନି ବର୍ଷ ପୂର୍ବରୁ ଗଠନ ହୋଇଥିବା ଦରକାର |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ପଞ୍ଚସୂତ୍ରକୁ ପ୍ରତିବଦ୍ଧତା ର ସହିତ ପାଳନ କରୁଥିବେ |
- ମିଶନ ଶକ୍ତି ଗୋଷ୍ଠୀ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପରେ ସର୍ବନିମ୍ନ ୩ ବର୍ଷ ପର୍ଯ୍ୟନ୍ତ ଜଡ଼ିତ ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର ପରିଚାଳନା ସମୟର ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର କୌଣସି ଆର୍ଥିକ ଅନିୟମିତତା, ଯେପରିକି NPA ଘୋଷିତ ଋଣ ଇତ୍ୟାଦି ହୋଇନଥିବ |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ବର୍ତ୍ତମାନ କିମ୍ବା ଅତୀତରେ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ହୋଇନଥିବେ |
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀ ନିଶ୍ଚିତ ଭାବରେ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପ ପାଇଁ ପୂର୍ବରୁ ବ୍ୟାଙ୍କରୁ ଋଣ ନେଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର ପାନକାର୍ଡ ଥିବା ଆବଶ୍ୟକ |
- ଉଦ୍ୟମ ଆଧାର ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ |
- ମୁକ୍ତା, ଆହାର, ଏଫ. ଏସ. ଟି. ପି. ଇତ୍ୟାଦି ସରକାରୀ ପ୍ରକଳ୍ପ ଗୁଡିକର ସଫଳ ରୂପାୟନରେ ଅଭିଜ୍ଞତା ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ |

ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏ ବାବଦରେ **୨୮/୧୧/୨୦୨୪** ସୁଦ୍ଧା ସମ୍ବଲପୁର ମହାନଗର ନିଗମ, ଦୁର୍ଗାପାଲି କାର୍ଯ୍ୟାଳୟରେ ନିମ୍ନମତେ ଥିବା **ଫର୍ମ** ଅନୁଯାୟୀ ଆବେଦନ କରିବେ |

**ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ :**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନ ର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନ ର ନକଲ|
- ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣପତ୍ର କିମ୍ବା ରେଜୋଲୁସନ ର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ପାସବୁକ ର ନକଲ, ଯେଉଁଥିରେ ଗତ ତିନି ବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତିକମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣଥିବ |
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ |
- ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନ ହୋଇଥିବାର ଘୋଷଣାପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) |
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ ପ୍ରମାଣପତ୍ର |
- ମିଶନ ଶକ୍ତି ଗୋଷ୍ଠୀର ପାନକାର୍ଡ ର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ନକଲ (ଯଦି ଉପଲବ୍ଧ ଅଛି) |
- ମୁକ୍ତା, ଆହାର, ଏଫ. ଏସ. ଟି. ପି. ଇତ୍ୟାଦି ସରକାରୀ ପ୍ରକଳ୍ପ ଗୁଡିକର ସଫଳ ରୂପାୟନର ର ପ୍ରମାଣପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) |

ଏ ବିଷୟରେ ଅତିରିକ୍ତ ସୂଚନା ସମ୍ବଲପୁର ମହାନଗର ନିଗମ ୱେବସାଇଟ www.smcsambalpur.nic.in ରେ ଉପଲବ୍ଧ ଅଛି |

**ସଂଲଗ୍ନ :** ମିଶନ ଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ ।

**ଆୟୁକ୍ତ**
**ସମ୍ବଲପୁର ମହାନଗର ନିଗମ**

Memo No. 10526 Date 19-11-2024

Copy to be displayed at SMC website and notice board, Collectorate notice board and to be made available at ward offices for public information.

**Commissioner**
**Sambalpur Municipal Corporation**

Memo No. 10527 Date 19-11-2024

Copy forwarded to Deputy Commissioner (NULM) for information. She is instructed to direct the concerned CO & Nodal CO to follow up on the above.

**Commissioner**
**Sambalpur Municipal Corporation**

*ଗୋଷ୍ଠୀ ମୋହର ସହିତ

# ମିଶନ ଶକ୍ତି ଗୋଷ୍ଠୀ ପାଇଁ 'ଅମୃତ ମିତ୍ର' ଯୋଜନା ଆବେଦନ ଫର୍ମ

| କ୍ର.ସଂଖ୍ୟା | | ବିବରଣୀ |
|---|---|---|
| ୧ | ମିଶନ ଶକ୍ତି ଗୋଷ୍ଠୀର ନାମ | |
| ୨ | ଠିକଣା | |
| ୩ | ୱାର୍ଡ ନମ୍ବର | |
| ୪ | ଗୋଷ୍ଠୀ ଗଠନ ତାରିଖ | |
| ୫ | ଗୋଷ୍ଠୀ ସଦସ୍ୟ ସଂଖ୍ୟା | |
| ୬ | ସଭାନେତ୍ରୀଙ୍କ ନାମ | |
| ୭ | ସଭାନେତ୍ରୀଙ୍କ ଫୋନ ନମ୍ବର | |
| ୮ | ସେକ୍ରେଟେରୀଙ୍କ ନାମ | |
| ୯ | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୦ | ଶ୍ରେଣୀକରଣ (Gradation) ହୋଇଛି ? (ହଁ/ନାହିଁ) | |
| ୧୧ | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି ? | |
| ୧୨ | ଆକାଉଣ୍ଟ ସଂଖ୍ୟା | |
| ୧୩ | ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ ସଂଖ୍ୟା | |
| ୧୪ | RF/Seed ପାଇଛନ୍ତି ? (ହଁ/ନାହିଁ) | |
| ୧୫ | ଗୋଷ୍ଠୀର ପୂର୍ବ କାର୍ଯ୍ୟକଳାପ | |
| ୧୬ | ପାସବୁକ ନିୟମିତ ଭାବେ ସଞ୍ଚାଳିତ ହେଉଛି କି ? (ହଁ/ନାହିଁ) (ପାସବୁକ ର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ ) | |
| ୧୭ | ମିଶନ ଶକ୍ତି ଗୋଷ୍ଠୀ ପରିଚାଳନା ଆରମ୍ଭ ସମୟରୁ କେତେ ଟଙ୍କା ଋଣ ନେଇଛନ୍ତି ? | |
| ୧୮ | ଗୋଷ୍ଠୀର ଋଣ ଦେୟ କିମ୍ବା ରେକର୍ଡ ରଖିବାରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି ? (ହଁ/ନାହିଁ) | |
| ୧୯ | ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ ହୋଇଛି ? (ହଁ/ନାହିଁ) | |
| ୨୦ | ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ଅଛି କି ? (ହଁ/ନାହିଁ) | |
| ୨୧ | ଅତୀତ କିମ୍ବା ବର୍ତ୍ତମାନ କୌଣସି ଅସମାଜିକ କାର୍ଯ୍ୟକଳାପରେ ଜଡ଼ିତ ହୋଇଛନ୍ତି କି ? (ହଁ/ନାହିଁ) | |
| ୨୨ | କେଉଁ ପୋଖରୀ ର ପୁନଃରୁଦ୍ଧାର କାର୍ଯ୍ୟ ନେବାକୁ ଇଚ୍ଛୁକ ? | |

ସେକ୍ରେଟେରୀଙ୍କ ସ୍ୱାକ୍ଷର
(ମୋହର ସହିତ)

ସଭାନେତ୍ରୀଙ୍କ ସ୍ୱାକ୍ଷର
(ମୋହର ସହିତ)

ସଂଲଗ୍ନ (ଯେଉଁ କାଗଜ ସଂଲଗ୍ନ କରିଛନ୍ତି ଟିକ (✓) କରନ୍ତୁ :

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡେସନର ନକଲ ।
- ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର ପାସବୁକ ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ ।
- ମିଶନ ଶକ୍ତି ଗୋଷ୍ଠୀର ପାସବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ ।
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) ।
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ ପ୍ରମାଣ ପତ୍ର ।
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ କାର୍ଡ ର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ନକଲ (ଯଦି ଉପଲବ୍ଧ ଅଛି) ।
- ମୁକ୍ତା, ଆହାର, ଏଫ. ଏସ. ଟି. ପି. ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) ।